# Visit of H.E. Mr. Demeke Mekonnen, Deputy Prime Minister and Foreign Minister of Ethiopia to India (February 17-19, 2021)

February 19, 2021

---

# ଇଥିଓପିଆର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ଡେମେକେ ମେକୋନେନଙ୍କ ଭାରତ ଗସ୍ତ (17-19 ଫେବୃଆରୀ 2021)

**ଫେବୃଆରୀ 19, 2021**

1. ଇଥିଓପିଆର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ଡେମେକେ ମେକୋନେନ ଶ୍ରୀ ଡେମେକେ ମେକୋନେନ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ପ୍ରତିନିଧି ମଣ୍ଡଳ ସହ 17 ରୁ 19 ଫେବୃଆରୀ 2021 ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଥିଲେ। ନଭେମ୍ବର 2020 ରେ ବୈଦେଶିକ ମନ୍ତ୍ରୀ ଭାବରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏସିଆ ମହାଦେଶକୁ ତାଙ୍କର ଏହା ପ୍ରଥମ ଗସ୍ତ।

2. ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଉପ ପ୍ରଧାନମନ୍ତ୍ରୀଙ୍କ ସହ 19 ଫେବୃଆରୀ 2021 ରେ ବ୍ୟାପକ ଆଲୋଚନା କରିଥିଲେ ଯେଉଁଥିରେ ସେମାନେ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ମଧ୍ୟ ଉପ ପ୍ରଧାନମନ୍ତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଆୟୋଜନ କରିଥିଲେ।

3. ଦୁଇ ମନ୍ତ୍ରୀ ମିଳିତ ଭାବେ 18 ଫେବୃଆରୀ 2021 ରେ ନୂଆଦିଲ୍ଲୀରେ ଥିବା ଇଥିଓପିଆ ଦୂତାବାସର ନୂତନ ନିର୍ମିତ ଚାନ୍ସେରି ଭବନ ଏବଂ ଦୂତାବାସର ବାସଭବନକୁ ଉଦ୍ଘାଟନ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ସମାବେଶକୁ ସମ୍ବୋଧିତ କରି ଭାରତ ଏବଂ ଇଥିଓପିଆ ମଧ୍ୟରେ ଥିବା ଐତିହାସିକ ସମ୍ପର୍କ ଏବଂ ଗତ କିଛି ବର୍ଷ ମଧ୍ୟରେ ଉଚ୍ଚସ୍ତରୀୟ ବିନିମୟ ଦ୍ୱାରା ବୃଦ୍ଧି ପାଇଥିବା ଏହି ସମ୍ପର୍କ ବିଷୟରେ କହିଥିଲେ। ସେ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ ସମ୍ପର୍କ ଏବଂ ବଢୁଥିବା ଲୋକ ସମ୍ପର୍କ ଉପରେ କହିଥିଲେ। ଉପ ପ୍ରଧାନମନ୍ତ୍ରୀ ମେକୋନେନ ଭାରତ-ଇଥିଓପିଆ ସମ୍ପର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

4. ଶିଳ୍ପ ସଂଘ ଆସୋଚାମ ନୂଆଦିଲ୍ଲୀରେ ଥିବା ଇଥିଓପିଆର ଦୂତାବାସ ସହିତ ମିଳିତ ଭାବରେ 17 ଫେବୃଆରୀ 2021 ରେ ଭାରତ-ଇଥିଓପିଆ ବ୍ୟବସାୟ ଫୋରମ ଆୟୋଜନ କରିଥିଲା ଯେଉଁଥିରେ ଇଥିଓପିଆରେ ନିବେଶ ସୁଯୋଗକୁ ଇଥିଓପିଆ ପକ୍ଷ ତଥା ଭାରତୀୟ ନିବେଶକମାନେ ଉଲ୍ଲେଖ କରିଥିଲେ। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ୍ ଏହି ଫୋରମରେ ଯୋଗ ଦେଇଥିଲେ ଏବଂ ନିଜ ବକ୍ତବ୍ୟରେ ବ୍ୟବସାୟିକ ଗୋଷ୍ଠୀକୁ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗର ସୁଯୋଗର ଉପଯୋଗ କରିବାକୁ ଆମନ୍ତ୍ରଣ କରିଥିଲେ। ଇଥିଓପିଆରେ ଭାରତୀୟ ଶିକ୍ଷାବିତଙ୍କ ଭୂମିକାକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଉପ ପ୍ରଧାନମନ୍ତ୍ରୀ ମେକୋନେନ ନିଜ ସମ୍ବୋଧନରେ ଏହି ସମାବେଶକୁ ସୂଚନା ଦେଇଥିଲେଯେ ଇଥିଓପିଆରେ ବ୍ୟବସାୟିକ ପରିବେଶରେ ଉନ୍ନତି ଆଣିବା ପାଇଁ ଇଥିଓପିଆ ସରକାର ନୂତନ ପଦକ୍ଷେପ ଗ୍ରହଣ କରୁଛନ୍ତି।

5. ଏହି ଗସ୍ତ ସମୟରେ ଉଭୟ ପକ୍ଷ କୂଟନୈତିକ ପାସପୋର୍ଟଧାରୀଙ୍କ ପାଇଁ ପାରସ୍ପରିକ ଭିସା ଛାଡ ଏବଂ ଭାରତର ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ – କେନ୍ଦ୍ରୀୟ ଚମଡ଼ା ଅନୁସନ୍ଧାନ ପ୍ରତିଷ୍ଠାନ ଏବଂ ଇଥିଓପିଆର ୱୋଲୋ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।

**ନୂଆଦିଲ୍ଲୀ**
**ଫେବୃଆରୀ 19, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.